
ଜିଲାର ବିଭିନ୍ନ କ୍ରୀଡ଼ାର ଖେଳାଳିମାନଙ୍କୁ ନେଇ ମଶାଲ ଶୋଭାଯାତ୍ରା।


ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଅତିଥିଙ୍କ ସହ ନାଲି ଜର୍ସିରେ ମା' ମଙ୍ଗଳା କ୍ଲବ ଢେଙ୍କାନାଳ ଓ ନୀଳ ଜର୍ସିରେ ଜଗା ୟୁନାଇଟେଡ କ୍ଲବ ଭୁବନେଶ୍ୱର ଦଳର ଖେଳାଳି।


ଭୁବନେଶ୍ୱରର ଓ ଢେଙ୍କାନାଳ ମଧ୍ୟରେ ଚାଲିଥିବା ଉଦ୍‌ଘାଟନୀ ମ୍ୟାଚ।

## ଡିଜେ ଗାଡ଼ି ଜବତ, ୨ ଗିରଫ

ଭୁବନ,୧୬।୧୧(ଡି.ଏନ.ଏ)- ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ପରିସରରେ ବେଆଇନ ଭାବେ ଦୀର୍ଘଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବେଳେ ଡିଜେ ବାଜିବାକୁ ବିରୋଧ ହୋଇ ଆସୁଥିଲା। ମଙ୍ଗଳବାର ରାତିରେ କାର୍ତ୍ତିକେଶ୍ୱର ଭସାଣିରେ କଟକ ଜିଲା ବଡମ୍ବା ଅଞ୍ଚଳରୁ ଏକ ଡିଜେ ଗାଡି (ନଂ. ଓଡି.୦୫-ଏଫ୍-୨୨୩୬) ଏଥିରେ ବାଦ୍ୟ ପରିବେଷଣ କରୁଥିବା ବେଳେ ବ୍ରାହ୍ମଣୀ ଦେବୀ ଛକରେ କେତେଜଣ ଯୁବକ ଏହାକୁ ବିରୋଧ କରିଥିଲେ। ଅଞ୍ଚଳର ଜଣେ ରୋଗୀ ଗୁରୁତର ଥିବାରୁ ଅତ୍ୟଧିକ ସାଉଣ୍ଡକୁ ସେମାନେ ବାରଣ କରିଥିଲେ। କିନ୍ତୁ ଡିଜେ ଅପରେଟର, ଚାଳକ ଏହାକୁ ନ ମାନି ଗଣ୍ଡଗୋଳ କରିଥିଲେ। ଅଞ୍ଚଳବାସୀ ପୋଲିସକୁ ଖବର ଦେବାପରେ ଭୁବନ ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ଓ କର୍ମଚାରୀମାନେ ପହଞ୍ଚି ଡିଜେ ଗାଡିକୁ ଜବତ କରିଥିଲେ। ବୁଧବାର ପ୍ରଭାତ କୁମାର ସେନାପତିଙ୍କ ଅଭିଯୋଗ କ୍ରମେ ଭୁବନ ଥାନାରେ ନଂ. ୪୬୨।୨୨ରେ ମାମଲା ରୁଜୁ କରାଇ ବଡମ୍ବା ଅଞ୍ଚଳର ସନ୍ତୋଷ ବେହେରା(୨୬) ଓ ବନମାଳିପୁରର ଚିନ୍ତାମଣି ବେଜ(୨୧)ଙ୍କୁ ପୋଲିସ ଗିରଫ କରିଥିଲା। ଆଗାମୀ ଦିନରେ ଏପରି ବେଇଆନ ଡିଜେ ସାଉଣ୍ଡ ବଜାଉଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# 'କ୍ଲବସ୍ତରୀୟ ଫୁଟ୍‌ବଲକୁ ଗୁରୁତ୍ୱ ଦେବା ଜରୁରୀ'

ଢେଙ୍କାନାଳ ଅଫିସ,୧୬।୧୧

ନଭେମ୍ବର ୩ରେ ଢେଙ୍କାନାଳ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଥିଲା ବାଜି ରାଉତ କପ୍ ଜାତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ। ଦେଶର ବହୁ ବଛା ବଛା ଫୁଟ୍‌ବଲ ଟିମ୍ ଢେଙ୍କାନାଳରେ ନିଜ କ୍ରୀଡ଼ା କୌଶଳ ପ୍ରଦର୍ଶନ କରିବା ଜିଲାର କ୍ରୀଡ଼ା ପ୍ରେମୀଙ୍କୁ ଉତ୍‌ଫୁଲିତ କରିଥିଲା। ଫୁଟ୍‌ବଲକୁ ନେଇ ସେହି ଫିଭର ଜିଲାରୁ ଦୂର ହୋଇ ନ ଥିବାବେଳେ ବୁଧବାରଠାରୁ ଆଉ ଏକ ଜାତୀୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ଢେଙ୍କାନାଳରେ ଆରମ୍ଭ ହେବା କ୍ରୀଡ଼ାବିତ୍ ଓ ଜିଲାବାସୀଙ୍କୁ ଏକଦମ୍ ଆନନ୍ଦିତ କରିଦେଇଛି।

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ତଥା ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ଏବଂ ସ୍ୱର୍ଗତ ଅଧିକାରୀ ସାମଲ ମେମୋରିଆଲ ଟ୍ରଷ୍ଟର ମିଳିତ ସହଯୋଗରେ ସ୍ଥାନୀୟ ଷ୍ଟାଡିୟମଠାରେ ଆରମ୍ଭ ହୋଇଛି ୪ର୍ଥ ଜାତୀୟ ଆମନ୍ତ୍ରଣ ଫୁଟ୍‌ବଲ ପ୍ରତିଯୋଗିତା। ୨୭ ତାରିଖଯାଏ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ



ଉଦ୍‌ଘାଟନୀ ମ୍ୟାଚର ଶ୍ରେଷ୍ଠ ଖେଳାଳିଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

କୋଲକାତା, ଜାମସେଦପୁର, ବିହାର, ହାଇଦ୍ରାବାଦ, ଦକ୍ଷିଣପୂର୍ବ ରେଳପଥ, ଗୋଆ ଓ ହାଇଦ୍ରାବାଦ ସମେତ ରାଜ୍ୟର ଭୁବନେଶ୍ୱର, କଟକ, ସମ୍ବଲପୁର, ଢେଙ୍କାନାଳ ଆଦି ୧୨ଟି ଦଳ ଭାଗ ନେଇଛନ୍ତି। ଅପରାହ୍ନ ୧ଟା ୩୦ରେ ଜଲାର ହକି, ଖୋଖୋ ଓ କବାଡ଼ିର କ୍ରୀଡ଼ାବିତ୍‌ମାନେ ମଶାଲକୁ ବାଜିରୌତସ୍ଥିତ ମା' ବ୍ରହ୍ମାୟଣୀଙ୍କ ପୀଠରେ ପୂଜାର୍ଚ୍ଚନା କରି ଶୋଭାଯାତ୍ରାରେ ସହର ପରିକ୍ରମା ପରେ ଷ୍ଟାଡିୟମରେ ପହଞ୍ଚିଥିଲେ। ଏହାପରେ ୪ର୍ଥ ଜାତୀୟ ଆମନ୍ତ୍ରଣ ଫୁଟ୍‌ବଲ ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ରାଜ୍ୟ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା ଉଦ୍‌ଘାଟନ କରିଥିଲେ। ଭାରତୀୟ କ୍ରୀଡ଼ାରେ ଓଡ଼ିଶାର ଅବଦାନକୁ ମନ୍ତ୍ରୀ ମନେ ପକାଇଦେବା ସହ ଓଡିଶାରେ କ୍ଲବସ୍ତରୀୟ ଫୁଟବଲକୁ ଗୁରୁତ୍ୱ ଦିଆଯିବା ଜରୁରୀ ବୋଲି କହିଥିଲେ। ଏଥିସହ ଢେଙ୍କାନାଳର ହକି, ଫୁଟ୍‌ବଲ ଖେଳାଳିମାନେ ଭଲ ଖେଳି ସ୍ପୋର୍ଟସ୍ ହଷ୍ଟେଲ ପାଇଁ ଯୋଗ୍ୟ ବିବେଚିତ ହେଲେ ଏଠାରେ ମଧ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲାପାଳ ସରୋଜ କୁମାର ସେଠୀ କହିଲେ ଯେ, ଢେଙ୍କାନାଳ ଜିଲା କ୍ରୀଡ଼ାରେ ତାର ପୂର୍ବ

- ପୁଣି ଜାତୀୟସ୍ତରୀୟ ପ୍ରତିଯୋଗିତାକୁ ନେଇ ଢେଙ୍କାନାଳରେ ଉତ୍ସାହ
- ସହର ପରିକ୍ରମା କରି ଷ୍ଟାଡିୟମରେ ପହଞ୍ଚିଲା ମଶାଲ ଶୋଭାଯାତ୍ରା
- କ୍ରୀଡ଼ାରେ ପୂର୍ବ ଗୌରବ ଫେରାଇ ଆଣିଛି ଢେଙ୍କାନାଳ

ଗୌରବ ଫେରାଇ ଆଣିଛି। ଜିଲାର ସବ୍ ଜୁନିୟର ମହିଳା ହକି ଦଳ ରାଜ୍ୟସ୍ତରୀୟ ପ୍ରତିଯୋଗିତାର ଚାମ୍ପିୟନ ହେବା ଗୌରବର ବିଷୟ। ଜିଲାରେ କ୍ରୀଡ଼ାର ବିକାଶ ପାଇଁ ଆଉ ଏକ ପଡିଆ ନିମନ୍ତେ ନିଆଯାଇଥିବା ଜାଗାର ଉନ୍ନତିକରଣ କରାଯିବ। କୃଷି ବିଭାଗ ପଛ ପାଖରେ ଥିବା ସ୍ପୋର୍ଟସ ହବ୍‌କୁ ଉନ୍ନତୀକରଣ କରାଯାଇ କାର୍ଯ୍ୟକ୍ଷମ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ସମେତ ମହିଳା ଫୁଟବଲ ଏକାଡେମୀର ମୁଖ୍ୟ ରଣଦିପ ବରୁଆ ଏବଂ ଓଡ଼ିଶା ଫୁଟବଲ ଅପରେଶନ ମ୍ୟାନେଜର ଶୁଭମ ଦାସ ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ା ମନ୍ତ୍ରୀଙ୍କୁ ଜର୍ସି ଉପହାର ପ୍ରଦାନ କରିଥିଲେ। ଜିଲା କ୍ରୀଡା ସଂଘ ସମ୍ପାଦକ ନଳିନୀ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ମହାନ୍ତି ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଭୁବନେଶ୍ୱରର ଜଗା ୟୁନାଇଟେଡ୍ କ୍ଲବ ୪-୦ ଗୋଲରେ ଢେଙ୍କାନାଳର ମା' ମଙ୍ଗଳା କ୍ଲବକୁ ପରାଜିତ କରିଥିଲା। ଏହି ଅବସରରେ କ୍ରୀଡାସଂଘର ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ପ୍ରେମାନନ୍ଦ ବିହାରୀ, ଅଜୟ ପଟ୍ଟନାୟକ, ଆଦିତ୍ୟ ଆଚାର୍ଯ୍ୟ, ସୌଭାଗ୍ୟ ସାହୁ, ଯୁଗ୍ମ ସମ୍ପାଦକ ଗୌରାଙ୍ଗ ଚରଣ ସେଠୀ, ଅଭିଜିତ ମିଶ୍ର, କୋଷାଧ୍ୟକ୍ଷ ଶିବ ପ୍ରସାଦ ଦେହୁରୀ, ମନୋଜ ପଟ୍ଟନାୟକ, ବିଭୂତି ଭୂଷଣ ପଟ୍ଟନାୟକ, ସୁନୀଲ ପଣ୍ଡା, ସୁଶାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସରୋଜ ପାଢୀ, ବିପିନ ସାହୁ ଓ ପ୍ରେମାନନ୍ଦ ମାହୁନ୍ତ ଧାରା ବିବରଣୀ ପ୍ରଦାନ କରିଥିଲେ। ଗୁରୁବାର କଟକର ସନରାଇଜ କ୍ଲବ ଓ ବିହାରର ୟୁନାଇଟେଡ୍ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ।

# ଇ-ଟେକ୍ ଆବାସିକ ମହାବିଦ୍ୟାଳୟରେ ପ୍ରଥମାଷ୍ଟମୀ

ଢେଙ୍କାନାଳ ଅଫିସ,୧୬।୧୧

ଢେଙ୍କାନାଳ ସହର ଉପକଣ୍ଠ ମଙ୍ଗଳପୁରଠାରେ ଥିବା ଇ-ଟେକ୍ ଉଚ୍ଚ ମାଧ୍ୟମିକ ଆବାସିକ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନେ ପ୍ରଥମାଷ୍ଟମୀ ପାଳନ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁରେଶ ମିଶ୍ର, ଉପାଧ୍ୟକ୍ଷ ଅନିଲ ଗୋଚ୍ଛାୟତ ଏବଂ ସମ୍ପାଦିକା ସାଗରବାଳା ହୋତାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାରମ୍ପରିକ ରୀତିନୀତି ସହ ଛାତ୍ରୀଛାତ୍ରମାନଙ୍କୁ ଅନୁଷ୍ଠାନ ପକ୍ଷରୁ ବନ୍ଦାପନା କରି ସଫଳ ମଣିଷ ହେବା ପାଇଁ ଶୁଭ କାମନା କରାଯାଇଥିଲା। ଏହି ପ୍ରଥମାଷ୍ଟମୀ କେବଳ ଏକ ପାରମ୍ପରିକ ଉତ୍ସବ ନୁହେଁ, ଏହା ପାଳନ ଦ୍ୱାରା ସମସ୍ତଙ୍କ ଭିତରେ ଏକ ଭାଇଚାରା ସୃଷ୍ଟି ହୋଇଥାଏ। ଏହି ପର୍ବପର୍ବାଣି ଠାରୁ ବର୍ତ୍ତମାନ ଆମେ ଦୂରେଇ ଯାଉଥିବା ବେଳେ ଏଭଳି ଏକ ପ୍ରୟାସ କରି ଆମେ ଏହାକୁ ପୁନର୍ଜୀବିତ କରି ସମାଜ ପାଇଁ ଭଲ ବାର୍ତ୍ତା ପ୍ରଦାନ କରିଛୁ ବୋଲି ଅଧ୍ୟକ୍ଷ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।


ଇ-ଟେକ୍ ଆବାସିକ ମହାବିଦ୍ୟାଳୟରେ ପ୍ରଥମାଷ୍ଟମୀ ପାଳନ କରାଯାଉଛି।

# ସର୍ବନିମ୍ନ ପେନ୍‌ସନ ୯ ହଜାର ହେଉ

ଢେଙ୍କାନାଳ ଅଫିସ,୧୬।୧୧

ଇପିଏଫ୍ ପେନସନର୍ସ ଦାବି ଦିବସ ଉପଲକ୍ଷେ ଇପିଏଫ୍ ପେନସନର୍ସ ଢେଙ୍କାନାଳ ଶାଖା ପକ୍ଷରୁ ଏକ ବୈଠକ ସଭାପତି ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସହରସ୍ଥିତ ଯାଉଁଳି ପୋଖରୀ ମଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ କଳ କାରଖାନା ଓ ନିଗମ ତଥା ଅର୍ଦ୍ଧ ସରକାରୀ ସଂସ୍ଥାରୁ ଅବସର ଗ୍ରହଣ କରିଥିବା କିମ୍ବା ଭିଆରଏସ୍ ଏବଂ ଛଟେଇ ହୋଇଥିବା କର୍ମଚାରୀମାନେ ଯୋଗଦେଇ ସେମାନେ ପାଉଥିବା ସ୍ୱଳ୍ପ ପେନସନ ପରିଣତ ବୟସରେ କିଭଳି ଯନ୍ତ୍ରଣାଦାୟକ, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବାରମ୍ବାର ଦାବିପରେ ମଧ୍ୟ କେନ୍ଦ୍ର ସରକାର ଏହି ପେନସନ ବୃଦ୍ଧି ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ଫଳରେ ଦେଶର ପ୍ରାୟ ୭୦ଲକ୍ଷ ଓ ରାଜ୍ୟର ୧.୭୦ଲକ୍ଷ ଇପିଏଫ୍ ପେନସନଭୋଗୀ


ଇପିଏଫ୍ ପେନସନର୍ସମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ନିଜର ପରିବାର ପୋଷଣ ନିମନ୍ତେ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ତେଣୁ ମାସିକ ସର୍ବନିମ୍ନ ୯ ହଜାର ପେନସନ ସହିତ ମହଙ୍ଗାଭତ୍ତା, ଆୟୁଷ୍ମାନ ଭାରତ ଯୋଜନା କିମ୍ବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରାଯିବା ପାଇଁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦୁଇଟି ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଉପସଭାପତି ହୃଦାନନ୍ଦ ପ୍ରଧାନ, ଶରତ କୁମାର ରଥ, ସମ୍ପାଦକ ସଦାଶିବ ମିଶ୍ର, କୋଷାଧ୍ୟକ୍ଷ ନେତ୍ରାନନ୍ଦ ସାହୁ, ଯୁଗ୍ମ ସମ୍ପାଦକ ଗୋଲଖ ବରାଳ, ସହ ସମ୍ପାଦକ ଉମାଶଙ୍କର ଦାସ, କାର୍ଯ୍ୟକାରିଣୀ ସଦସ୍ୟ ଗୋପିନାଥ ଜେନା, ପଠାଣୀ ପୃଷ୍ଟି, ଧ୍ରୁବ ନାୟକ, ବାଇଧର ଚନ୍ଦ୍ର, ନିରୋଦ ପଟ୍ଟନାୟକ, ବାସୁଦେବା ଦେହୁରୀ, ରମେଶଚନ୍ଦ୍ର ସାମଲ, ପ୍ରଫୁଲ୍ଲ କୁମାର ପରିଡା, ନିର୍ମଳ ନାୟକ, ଦେବରାଜ ଜେନା, ଶ୍ରୀକାନ୍ତ ନାୟକ, ଉପଦେଷ୍ଟା ବିରଞ୍ଚି କୁମାର ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ ।

# ସମୃଦ୍ଧ ରାଷ୍ଟ୍ର ଗଠନରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି

ଢେଙ୍କାନାଳ ଅଫିସ,୧୬।୧୧

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ବୁଧବାର ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ସରୋଜ କୁମାର ସେଠୀ କହିଲେ ଯେ, ଗଣମାଧ୍ୟମର ପ୍ରତିନିଧିମାନେ ହେଉଛନ୍ତି ସମାଜର ଦର୍ପଣ। ଅପହଞ୍ଚ ଅଞ୍ଚଳଠାରୁ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଲୋକମାନଙ୍କ ବିଭିନ୍ନ ସମସ୍ୟାକୁ ସେମାନେ ସରକାର ଓ ପ୍ରଶାସନର ଦୃଷ୍ଟିକୁ ଆଣୁଛନ୍ତି। ଏଣୁ ସମୃଦ୍ଧ ରାଷ୍ଟ୍ର ଗଠନରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତନ୍ମୟ କୁମାର ଦରୱନ କହିଲେ, ଗଣମାଧ୍ୟମ ପ୍ରତିନିଧିମାନେ ନିରପେକ୍ଷ ଓ ନିର୍ଭୀକ ଭାବରେ କାର୍ଯ୍ୟ କଲେ ସମାଜରେ ପରିବର୍ତ୍ତନ ସମ୍ଭବ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଉଦୟ କୁମାର ମହାପାତ୍ର ୪ର୍ଥ ସ୍ତମ୍ଭ ଭାବେ

## ଜାତୀୟ ପ୍ରେସ୍ ଦିବସ ପାଳିତ

ଗଣମାଧ୍ୟମ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସୁଚାରୁରୂପେ ନିଭାଇବା ଉଚିତ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ ଜାତୀୟ ପ୍ରେସ୍ ଦିବସ ପାଳନ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିତେନ୍ଦ୍ର ପଟ୍ଟନାୟକ, ବିରଞ୍ଚି ସେଠ, ରତନ ନାୟାର, ପ୍ରଦ୍ୟୁମ୍ନ ରଥ, ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ ପଟ୍ଟନାୟକ, ଅଥୟ କୁମାର ସାହୁ, ସମ୍ପାଦକ ସତ୍ୟ ସ୍ୱରୂପ ଦାସ, ଅମିୟ କୁମାର ଚାନ୍ଦ, ଅମରେନ୍ଦ୍ର ଦାସ, ସରୋଜ କର, ପୂର୍ଣ୍ଣଚନ୍ଦ୍ର ସାହୁ, କବି ଶିବାସ ନାୟକ ଓ ତାପସ ମହାନ୍ତି ପ୍ରମୁଖ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ ଧନ୍ୟବାଦ ପ୍ରଦାନ କରିଥିଲେ।



ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ଅଧିକାରୀଙ୍କ ସହ ଖବରଦାତାମାନେ।

# ଶାଢ଼ି ଦୋକାନରୁ ସଶସ୍ତ୍ର ଡକାୟତି

ପରଜଙ୍ଗ, ୧୬।୧୧ (ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବଜାରରେ ଥିବା ଲଳିତା କ୍ଲଥ୍ ଷ୍ଟୋରରୁ ମଙ୍ଗଳବାର ରାତିରେ ହୋଇଛି ଡକାୟତି। ଦୋକାନ ବନ୍ଦ ହେବା ପୂର୍ବରୁ ୬ଜଣ ଦୁର୍ବୃତ୍ତ ପଶି ମାଲିକ ଅଙ୍କିତ କୁମାର ମୁଦୁଡ଼ାଙ୍କୁ ଭୁଜାଲିରେ ଆକ୍ରମଣ କରି ସୁନା ଚେନ, ୪୦ରୁ ୫୦ ହଜାର ଟଙ୍କା ଓ ୩ଟି ମୋବାଇଲ ଫୋନ ନେଇ ଫେରାର ହୋଇଯାଇଛନ୍ତି। ପ୍ରତିରୋଧ ବେଳେ ଦୁର୍ବୃତ୍ତମାନେ ଗୋଟିଏ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିଥିବା ଜଣାପଡ଼ିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଥାନା ଅଞ୍ଚଳରେ ଲୁଟ୍‌ପାଟ ଘଟଣା ବଢ଼ି ଚାଲିଥିବାରୁ ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

ଅଭିଯୋଗ ଅନୁଯାୟୀ, ରାତି ପ୍ରାୟ ୯ଟା ୫୮ରେ ୬ ଜଣ ଦୁର୍ବୃତ୍ତ ୨ଟି ବାଇକ୍‌ରେ ଆସି ଶାଢ଼ି ଦୋକାନ ସମ୍ମୁଖରେ ପହଞ୍ଚିଥିଲେ। ସେତେବେଳେ କେହି ଗ୍ରାହକ ନ ଥିଲେ। ମୁହଁରେ କପଡ଼ା


ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ପୋଲିସ ତଦନ୍ତ କରୁଛି।

ବାନ୍ଧିଥିବା ଦୁର୍ବୃତ୍ତମାନଙ୍କ ମଧ୍ୟରୁ ଜଣେ ବାହାରେ ଜଗି ରହିଥିବାବେଳେ ଅନ୍ୟ ୫ଜଣ ଭିତରକୁ ପଶି ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇଥିଲେ। ଜଣେ ଦୁର୍ବୃତ୍ତ ଦୋକାନ ମାଲିକ ଅଙ୍କିତ କୁମାରଙ୍କ ବେକରୁ ସୁନା ଚେନ୍ ଛଡାଇ ନେଇଥିଲେ। ଏହାକୁ ବିରୋଧ କରିବାରୁ ଅନ୍ୟ ଜଣେ ଦୁର୍ବୃତ୍ତ ଅଙ୍କିତଙ୍କ ମୁଣ୍ଡକୁ ଭୁଜାଲିରେ ଆକ୍ରମଣ କରିଥିଲେ। ପରେ ଦୋକାନରେ ଥିବା ଆଙ୍କିତଙ୍କ ମାମୁ ରମେଶ କୁମାର କର୍ଣ୍ଣାଣି, ଶାଳୀ କଞ୍ଚନ ଚାଣ୍ଡକ ଓ ଅନ୍ୟ ୩ କର୍ମଚାରୀଙ୍କ ଠାରୁ ୫ଟି ମୋବାଇଲ୍ ଏବଂ ଦୋକାନରେ ଥିବା ୪୦ରୁ ୫୦ ହଜାର ଟଙ୍କା ନେଇଯାଇଥିଲେ। ଯିବାବେଳେ ସିସିଟିଭି କ୍ୟାମେରା ଭାଙ୍ଗିବାକୁ ଚେଷ୍ଟା କରିବା ସହ ୨ଟି ମୋବାଇଲ ଫେରାଇ ଦେଇଥିଲେ। ଅଙ୍କିତଙ୍କ ମାମୁ ରମେଶ କୁମାର ଜଣେ ଦୁର୍ବୃତ୍ତଙ୍କ ମୁଣ୍ଡକୁ ଆଘାତ କରିବା ବେଳେ ଅନ୍ୟମାନେ ଗୋଟିଏ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରିଥିବା ସୂଚନା ମିଳିଛି। ଆହତ ଅଙ୍କିତଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି

- ନେଇଗଲେ ୫୦ ହଜାର ଟଙ୍କା, ଚେନ
- ମାଲିକଙ୍କ ମୁଣ୍ଡକୁ ଭୁଜାଲିରେ ଆକ୍ରମଣ
- ପ୍ରତିରୋଧ ବେଳେ ଫାଙ୍କା ଗୁଳି ଚାଳନା

କରାଯାଇଛି। ଅଭିଯୋଗ ପାଇ ପରଜଙ୍ଗ ପୋଲିସ ନଂ. ୫୨୦/୨୨ରେ ମାମଲା ରୁଜୁ କରି ବୁଧବାର ଢେଙ୍କାନାଳରୁ ଆସିଥିବା ସାଇଣ୍ଟିଫିକ ଟିମ, ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ କରୁଛି। ଟ୍ରାକିଂ କରି ଗୋଟିଏ ମୋବାଇଲ୍ ପରଜଙ୍ଗ ବାଇପାସ୍ ଏବଂ ଆଉ ଗୋଟିଏ ମୋବାଇଲ ଫୋନ କୁଲେଇ ବଆଁରପାଳ ଗ୍ରାମ ନିକଟ ୧୪୯ନଂ ଜାତୀୟ ରାଜପଥ କଡ଼ରୁ ପୋଲିସ ଜବତ କରିଛି। ସେହିପରି ଘଟଣାସ୍ଥଳରୁ ଗୋଟିଏ ଖୋକା ଜବତ ହୋଇଛି। ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ସତ୍ୟ ସନାତନୀ ସଙ୍ଗଠନ ତରଫରୁ ଏତଲା

ତାଳଚେର, ୧୬।୧୧ (ନି.ପ୍ର.)- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପରେ ଅଶାଳୀନ ମନ୍ତବ୍ୟ ଦେଇଥିବାରୁ ପଶ୍ଚିମବଙ୍ଗ ସରକାରଙ୍କ ମନ୍ତ୍ରୀ ଅଖିଳ ଗିରିଙ୍କ ବିରୋଧରେ ଅନୁଗୋଳ ଜିଲା ତାଳଚେର ଥାନାରେ ଏତଲା ଦିଆଯାଇଛି। ସତ୍ୟ ସନାତନୀ ସଙ୍ଗଠନ ପକ୍ଷରୁ ଏହି ଏତଲା ଦିଆଯିବା ସହ ଅଭିଯୁକ୍ତ ମନ୍ତ୍ରୀଙ୍କୁ ଗିରଫ ପାଇଁ ଦାବି କରାଯାଇଛି। ସଙ୍ଗଠନର ମୁଖ୍ୟ ଉପଦେଷ୍ଟା ପର୍ଶୁରାମ ବାରିକଙ୍କ ପରାମର୍ଶ କ୍ରମେ ସଙ୍ଗଠନ ସଭାପତି ପଦ୍ମନ ଜେନା, ବରିଷ୍ଠ ନେତା ଚିନ୍ତାମଣି ମହାପାତ୍ର, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ସାଧାରଣ ସମ୍ପାଦକ କୃତି ସୁନ୍ଦର ମହାରଣା, ଦେବାଶିଷ ବିଶି, ରାକେଶ ତ୍ରିପାଠୀ, ଅରବିନ୍ଦ ମିଶ୍ର, ପ୍ରମୋଦ ଜେନା, ବବଲୁ ଦାସଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ତାଳଚେର ଥାନାକୁ ଯାଇ ଅଭିଯୋଗ କରିଥିଲେ।

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ଛେଣ୍ଡିପଦା, ୧୬।୧୧ (ସ୍ୱ.ପ୍ର.)- ଛେଣ୍ଡିପଦା ଥାନା ଗୋପୀନାଥପୁରଠାରେ ଥିବା ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ବେଆଇନ ଭାବେ କୋଇଲା ବୋଝେଇ ଟ୍ରକ୍ ପାର୍କିଂ ଯୋଗୁ ବୁଧବାର ଦୁର୍ଘଟଣା ଘଟି ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଛେଣ୍ଡିପଦା ଥାନା ପୋଡପଡ଼ା ଗ୍ରାମର ପ୍ରତ୍ୟୁଷ କୁମାର ପ୍ରଧାନ(୨୫)। ଘଟଣାରୁ ପ୍ରକାଶ, ପ୍ରତ୍ୟୁଷ ବୁଧବାର ଅପରାହ୍ନରେ ଭଲିବଲ ମ୍ୟାଚ ଦେଖିବା ପାଇଁ କସିଡିହ ଗ୍ରାମକୁ ଯାଇଥିଲେ। ମ୍ୟାଚ ଦେଖି ବାଇକ୍ ଯୋଗେ ଫେରୁଥିବାବେଳେ ବେଆଇନ ପାର୍କିଂ ହୋଇଥିବା କୋଇଲା ବୋଝେଇ ଟ୍ରକ୍ ପଛରେ ବାଡେଇ ହୋଇଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଛେଣ୍ଡିପଦା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇ ଦେଇଛି।

### କିସ୍ତି ଟଙ୍କା ହଡ଼ପ, ଜଣେ ଗିରଫ

ବଇଣ୍ଡା, ୧୬।୧୧ (ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳର ବିଭିନ୍ନ ମହିଳା ସଂଘର ଋଣ କିସ୍ତି ଟଙ୍କା ହଡ଼ପ ଅଭିଯୋଗରେ ବୁଧବାର ବଇଣ୍ଡା ଫାଣ୍ଡି ପୋଲିସ ପୁରୀ ଜିଲାର ମୃତ୍ୟୁଞ୍ଜୟ ସାହୁଙ୍କୁ ଗିରଫ କରିଛି। ଏ ନେଇ ନଂ. ୩୧୦/୨୨ରେ ଏକ ମାମଲା ରୁଜୁ ହୋଇଛି। ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା କହିଛନ୍ତି, ବଇଣ୍ଡା ଅଞ୍ଚଳରେ ଏକ ଫାଇନାନ୍ସ ସଂସ୍ଥା ହଣ୍ଡପା ଓ ଠାକୁରଗଡ଼ ଅଞ୍ଚଳର ମହିଳା ସଂଘଙ୍କୁ ଋଣ ଯୋଗାଇ ଦେଉଛନ୍ତି। ହେଲେ କିସ୍ତି ଆଦାୟ ଏଜେଣ୍ଟ ଭାବେ ନିଯୁକ୍ତି ପାଇଥିବା ମୃତ୍ୟୁଞ୍ଜୟ ୨ ଲକ୍ଷ ୪୧ ହଜାର ଟଙ୍କା ଆଦାୟ କରି ହଡ଼ପ କରିନେଇଥିବା ଶୁକ୍ରବାର ଉକ୍ତ ଫାଇନାନ୍ସର ୟୁନିଟ୍ ମ୍ୟାନେଜର ସୁଶାନ୍ତ ଦାସ ବଇଣ୍ଡା ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ମୃତ୍ୟୁଞ୍ଜୟଙ୍କୁ ଗିରଫ କରିଥିଲା।

# ସୀମାନ୍ତରେ ଥିବାରୁ ମିଳୁନି ସୁରକ୍ଷା

- ପାଟ୍ରୋଲିଂରେ ଅବହେଳା କରୁଛି ବନ ବିଭାଗ
- ପଦା ହୋଇଯିବ କୁଟାସିଙ୍ଗା ଜଙ୍ଗଲ
- ଅବାଧରେ ଚାଲିଛି ଗଛକଟା, ଚାଲାଣ



ବଇଣ୍ଡା, ୧୬।୧୧ (ଡି.ଏନ.ଏ.)

ମୂଲ୍ୟବାନ ଗଛକୁ ଟାର୍ଗେଟ୍ କରୁଛନ୍ତି କାଠ ମାଫିଆ। ସେଥିପାଇଁ ନିୟମିତ କଟାଯାଉଛି ଶାଳ, ଶାଗୁଆନ ଗଣ୍ଡି। ଗୁପ୍ତ ସ୍ଥାନରେ ଲୁଚାଇ ରଖି ଅବାଧରେ କରାଯାଉଛି ଚୋରା ଚାଲାଣ। ଏ ନେଇ ଅଞ୍ଚଳବାସୀ ଆପତ୍ତି ଅଭିଯୋଗ ଉଠାଉଛନ୍ତି। ଜଙ୍ଗଲ ପଦା ହୋଇଯିବାର ଆଶଙ୍କା କରୁଛନ୍ତି। ହେଲେ ଏଯାଏ ଚେତାପଶୁନି ବନ ବିଭାଗର। ଦୁଇ ବନଖଣ୍ଡ ସୀମାରେ ଥିବାରୁ କଡ଼ାକଡ଼ି ହେଉନି ପାଟ୍ରୋଲିଂ। ଫଳରେ ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ରେଞ୍ଜ କୁଟାସିଙ୍ଗା ଜଙ୍ଗଲକୁ ମିଳିପାରୁନି ଉପଯୁକ୍ତ ସୁରକ୍ଷା।

କୁଟାସିଙ୍ଗା ଗ୍ରାମବାସୀ କହିଛନ୍ତି, ରେଢାଖୋଲ ଓ ଆଠମଲ୍ଲିକ ବନଖଣ୍ଡ ଅଧୀନରେ ରହିଛି କୁଟାସିଙ୍ଗା ଜଙ୍ଗଲ। ଶାଳ, ପିଆଶାଳ, ଶାଗୁଆନ, ଶିଶୁ ଆଦି ମୂଲ୍ୟବାନ ଗଛରେ ଏହା ପରିପୂର୍ଣ୍ଣ। ଅଧିକ ଘଞ୍ଚ ହୋଇଥିବାରୁ ଏହାର ସୁଯୋଗ ନେଇ ଦୀର୍ଘଦିନ ହେଲା ଏଠାରେ କାଠ ମାଫିଆ ସକ୍ରିୟ ହୋଇପଡ଼ିଛନ୍ତି। ଏପରି କି ଦିନବେଳା ମଧ୍ୟ ସେମାନେ ଅବାଧରେ କାଠ କାଟି ଚାଲାଣ କରୁଛନ୍ତି। ବିଳମ୍ବିତ ରାତିରେ କରତ ସାହାଯ୍ୟରେ ଗଛଗୁଡିକକୁ କାଟି ଜଙ୍ଗଲରେ ଲୁଚାଇ ରଖୁଛନ୍ତି। ରାତିରେ ସେଥିରୁ ପଟା ପ୍ରସ୍ତୁତ କରି ନାମୀଦାମୀ ଗାଡିରେ ଜିଲା ତଥା ଜିଲା ବାହାରକୁ ପଠାଉଛନ୍ତି। ବନ ବିଭାଗର କେତେଜଣ କର୍ମଚାରୀଙ୍କୁ ହାତକରି କାଠ ମାଫିଆମାନେ ଏହି କାରବାର ଚଳାଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ସେତେଟା ଗୁରୁତ୍ୱ ଦେଉନାହାନ୍ତି। ଏ ନେଇ ଅଞ୍ଚଳବାସୀ ବହୁବାର ରେଞ୍ଜ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। କାଠ ମାଫିଆମାନଙ୍କୁ ରୋକା ନ ଗଲେ ଜଙ୍ଗଲ ପଦା ହୋଇଯିବ ବୋଲି ସତର୍କ କରାଇଛନ୍ତି। ହେଲେ ବାମୁର ରେଞ୍ଜ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉ ନାହିଁ। ସୀମାନ୍ତ ଅଞ୍ଚଳ ହୋଇଥିବାରୁ ଆଠମଲ୍ଲିକ ଓ ରେଢ଼ାଖୋଲ ବନଖଣ୍ଡ ପକ୍ଷରୁ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଉ ନାହିଁ। କିଛିଦିନ ପୂର୍ବେ ଜଙ୍ଗଲ ନିକଟରେ ଥିବା ଏକ ଠିକାସଂସ୍ଥା କ୍ୟାମ୍ପରୁ ଚୋରା କାଠ ଜବତ କରାଯାଇଥିଲା। କିନ୍ତୁ ଏଥିରେ ସମ୍ପୃକ୍ତ ଥିବା କାଠ ବ୍ୟବସାୟୀଙ୍କୁ ଗିରଫ କରିବାରେ ବନ ବିଭାଗ ସକ୍ଷମ ହୋଇପାରିନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିବା ବେଳେ ଜଙ୍ଗଲକୁ ସୁରକ୍ଷା ଯୋଗାଇ ଦେବାକୁ ସେମାନେ ମଙ୍ଗଳବାର ଅନୁଗୋଳ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଆଠମଲ୍ଲିକ ଡିଏଫ୍ଓ ଏସ. ଆନନ୍ଦ କହିଛନ୍ତି, ଆବଶ୍ୟକ ଯାଞ୍ଚ କରାଯାଇ ଜଙ୍ଗଲର ସୁରକ୍ଷା ଦିଗରେ ପଦକ୍ଷେପ ନିଆଯିବ।



### ନିୟମିତ ଗଛ ଲୁଟୁଛନ୍ତି ମାଫିଆ

ବନ ବିଭାଗ ସୁରକ୍ଷା ଦେଉ ନ ଥିବାରୁ କୁଟାସିଙ୍ଗା ଜଙ୍ଗଲ ଏବେ ଅସୁରକ୍ଷିତ ହୋଇପଡିଛି। ନିୟମିତ ଗଛ କଟାଯାଇ ଚୋରା ଚାଲାଣ ହେଉଛି। ଏଭଳି ଅବହେଳା ଲାଗିରହିଲେ ଆଗାମୀ ଦିନରେ ଏହି ଜଙ୍ଗଲ ଧ୍ୱଂସ ପାଇଯିବ ବୋଲି ଅଞ୍ଚଳବାସୀ ଆଶଙ୍କା କରୁଛନ୍ତି।

-ମିଳନ ପ୍ରଧାନ, ବାମୁର



### ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଉ

ବାମୁର ପଞ୍ଚାୟତରେ ଥିବା ଜଙ୍ଗଲଗୁଡିକ ଅସୁରକ୍ଷିତ ହୋଇପଡିଛି। ବନ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବା ଯୋଗୁ କାଠ ଚୋରମାନେ ସକ୍ରିୟ ହୋଇପଡିଛନ୍ତି। ତୁରନ୍ତ ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇ ସୁରକ୍ଷା ଦିଆଯାଉ।

-ସଞ୍ଜୀବ କୁମାର ପ୍ରଧାନ, ବାମୁର ସରପଞ୍ଚ



### ଜଙ୍ଗଲ ଜନ୍ତୁ ଅସୁରକ୍ଷିତ

କାଠ ମାଫିଆମାନଙ୍କ ଅବାଧ ଚଳପ୍ରଚଳ ଯୋଗୁ ବନ୍ୟ ଜନ୍ତୁଙ୍କ ପାଇଁ ଜଙ୍ଗଲ ଅସୁରକ୍ଷିତ ହୋଇପଡିଛି। ଫଳରେ ଦୈନିକ ବନ୍ୟଜନ୍ତୁ ଗ୍ରାମାଭିମୁଖୀ ହେଉଛନ୍ତି। ଏହାଦ୍ୱାରା ଚାଷୀଙ୍କ ଫସଲ ନଷ୍ଟ ହେଉଛି। ବନ ବିଭାଗ ନିଜ କାର୍ଯ୍ୟ ଠିକ୍ ଭାବେ ସମ୍ପାଦନ କରୁ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି।

-ମାନ ଗୋବିନ୍ଦ ପ୍ରଧାନ



### ବନ ବିଭାଗ ପଦକ୍ଷେପ ନେଉଛି

ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। କୁଟାସିଙ୍ଗା ଜଙ୍ଗଲରୁ କାଠ ଚାଲାଣ ସମ୍ପର୍କରେ ରେଞ୍ଜକୁ କୌଣସି ଅଭିଯୋଗ ମିଳିନାହିଁ। ଅଭିଯୋଗ ଆସିଲେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ। ଜଙ୍ଗଲରେ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଛି।

-ସରୋଜ କୁମାର ମିଶ୍ର, ବାମୁର ରେଞ୍ଜର

### ଲକ୍ଷାଧିକ ଟଙ୍କାର କାଠ ଜବତ, ୩ ଗିରଫ

ବଇଣ୍ଡା, ୧୬।୧୧(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବରଡିପ ଗ୍ରାମର ଉଗ୍ରସେନ ବେହେରାଙ୍କ ଘରେ ମଙ୍ଗଳବାର ରାତିରେ ଧଣ୍ଡାତୋପା ବନବିଭାଗ ଚଢାଉ କରି ଲକ୍ଷାଧିକ ଟଙ୍କାର କାଠ ଜବତ କରିଛି। ଏହି ଘଟଣାରେ ଉଗ୍ରସେନ ଓ ସେହି ଗ୍ରାମର ସୁଶାନ୍ତ ନାୟକ, ତାବଡା ଗ୍ରାମର ରମେଶ ବେହେରାଙ୍କୁ ଗିରଫ କରାଯାଇଛି। ବନ ବିଭାଗ କହିଛି, ଉଗ୍ରସେନଙ୍କ ଘରେ ଚୋରା କାଠ କାରବାର ଚାଲୁଥିବା ଅଭିଯୋଗ ହୋଇଥିଲା। ଖବରପାଇ ଧଣ୍ଡାତୋପା ରେଞ୍ଜର ବବ୍ରୁବାହାନ ସାହୁ, ଫରେଷ୍ଟର ଆଲୋକନାଥ ମିଶ୍ର, ପଙ୍କଜିନୀ ବାହୁକ, ଫରେଷ୍ଟର ଗାର୍ଡ ଅରୁଣ ଦିପ, ୱାଚର ସରୋଜ ନାୟକ, ଗଙ୍ଗାଧର ରାଉଳ, କୃଷ୍ଣ ନାୟକ ପ୍ରମୁଖ ଚଢାଉ କରିଥିଲେ।

### ୨ ଶିକାରୀ ଗିରଫ

ବଇଣ୍ଡା, ୧୬।୧୧(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ କୁତୁଲିଶିଙ୍ଗା ଜଙ୍ଗଲରେ ଧଣ୍ଡାତୋପା ବନବିଭାଗ ସୋମବାର ରାତିରେ ଚଢାଉ କରି ୨ ଶିକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଠାକୁରଗଡ଼ ଥାନା ଘୋଡାବାନ୍ଧୁଣି ଗ୍ରାମର ଗୌତମ ସେଠୀ ଓ ଶୁଭମ ସେଠୀ। ସେମାନଙ୍କଠାରୁ ତାର, ଟାଙ୍ଗିଆ, ଛୁରୀ ଆଦି ଜବତ ହୋଇଛି। ଘଟଣାରୁ ଜଣାପଡିଛି, ଗୌତମ ଓ ଶୁଭମ୍ କୁତୁଲିଶିଙ୍ଗା ଜଙ୍ଗଲରେ ବାରହା ଶିକାର ପାଇଁ ଫାଶ ବସାଇଥିଲେ। ଖବରପାଇ ଧଣ୍ଡାତୋପା ବନବିଭାଗ ଚଢାଉ କରି ସେମାନଙ୍କୁ ଜଙ୍ଗଲରୁ ଗିରଫ କରିଥିଲା।

# ବିଗ୍ରେଡ୍ ସ୍କୁଲରେ ବିଜ୍ଞାନମେଳା

ଅନୁଗୋଳ ଅଫିସ, ୧୬।୧୧

ଅନୁଗୋଳ ସହର ଉପକଣ୍ଠରେ ଥିବା ବ୍ରିଗେଡ ସ୍କୁଲରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ତୁରଙ୍ଗ ସରପଞ୍ଚ ସମରେନ୍ଦ୍ର ଦେହୁରୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ କୁରୁଡ଼ୋଲ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ ଯୋଗଦେଇ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ। ଏହି ବିଜ୍ଞାନମେଳାରେ ମୋଟ ୬୬ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ବିଚାରକ ଭାବେ ଗାନ୍ଧୀମାର୍ଗ ସରସ୍ୱତୀ ବିଦ୍ୟା ମନ୍ଦିରର ବିଜ୍ଞାନ ଶିକ୍ଷକ ସୌମେନ୍ଦ୍ର ଡାଙ୍ଗ ଓ ଅମରବାଣୀ କନଭେଣ୍ଟର ବିଜ୍ଞାନ ଶିକ୍ଷୟିତ୍ରୀ ସାଧନା ସାହୁ ଯୋଗଦେଇ ମୂଲ୍ୟାୟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ରମାନନ୍ଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ପ୍ରଦର୍ଶନୀରେ ବିଦ୍ୟାଳୟର ସମସ୍ତ ଅଭିଭାବକ ଓ ଶିକ୍ଷୟିତ୍ରୀଙ୍କ ସହ ଶିକ୍ଷକମାନେ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ଶିଶୁ ଦିବସ ମଧ୍ୟ ପାଳନ କରାଯାଇଥିଲା।



ଅତିଥିମାନେ ବିଜ୍ଞାନମେଳାକୁ ଉଦ୍‌ଘାଟନ କରୁଛନ୍ତି।

# ଅଂଶଗ୍ରହଣ କଲେ ୨୩୧ ଶିଶୁ

ତାଳଚେର, ୧୬।୧୧ (ନି.ପ୍ର.)

ତାଳଚେର ବ୍ଲକ ଆମ୍ବମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଦୁଇ ଦିନିଆ ଜିଲାସ୍ତରୀୟ ଘୋଷ ସଞ୍ଚାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ବିଭାଗ ନିରୀକ୍ଷକ ବିରଞ୍ଚି ନାରାୟଣ ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାର ୧୧ଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୩୧ ଜଣ ଶିଶୁ ଘୋଷବାଦକ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଆମ୍ବମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ଶିକ୍ଷାବିତ୍ ଉପେନ୍ଦ୍ର ପରିଡା ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଶିକ୍ଷା ବିକାଶ ସମିତି ମଧ୍ୟ ସମ୍ଭାଗ ସଂଯୋଜକ ମଧୁସୂଦନ ବାରିକ ଓ ଜିଲା ପ୍ରମୁଖ ପ୍ରତାପ ଚନ୍ଦ୍ର ଦେହୁରୀ ଯୋଗ ଦେଇ ଶିଶୁମାନଙ୍କୁ ଘୋଷର ଆବଶ୍ୟକତା ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ପ୍ରଧାନାଚାର୍ଯ୍ୟ ଅଭିମନ୍ୟୁ ବାରିକ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବାଦ୍ୟ ସଜ୍ଜା, ସ୍ଥିର ବାଦନ, ବ୍ୟୂହ ରଚନା ଆଦି ଘୋଷ ସମ୍ବନ୍ଧୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ପ୍ରାନ୍ତ ଶାରୀରିକ ସଂଯୋଜକ ବଳରାମ ସାହୁ, ସହ ପ୍ରାନ୍ତ ଘୋଷ ପ୍ରମୁଖ ଅନୀଲ କୁମାର ଦେହୁରୀ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ତାଳଚେର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଉଦ୍‌ଯାପନୀ ସମାରୋହରେ ଅନୁଗୋଳ ଜିଲା ଭାଜପା ଉପସଭାପତି ମନୋଜ କୁମାର ପ୍ରଧାନ ଯୋଗ ଦେଇଥିଲେ। ସଙ୍କୁଳ ସଂଯୋଜକ ହେମନ୍ତ କୁମାର ପ୍ରଧାନ, ମାୟାଧର ସାହୁ, ନିର୍ମଳ ପ୍ରଧାନ, ସୁଶୀଳ ସାହୁ, ହୃଦାନନ୍ଦ ସାହୁ, ମାଗୁ ବେହେରାଙ୍କ ସମେତ ଆମ୍ବମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମା ସହଯୋଗ କରିଥିଲେ।



ଟ୍ରଫି ସହ କୃତୀ ପ୍ରତିଯୋଗୀମାନେ।

### ଜିଲାସ୍ତରୀୟ ଘୋଷ ସଂଚାଳନ କାର୍ଯ୍ୟକ୍ରମ

# ଏନ୍‌ଟିପିସି କର୍ତ୍ତୃପକ୍ଷଙ୍କୁ ଦାବିପତ୍ର

କଣିହାଁ, ୧୬।୧୧(ଡି.ଏନ.ଏ.)

କଣିହାଁ ସ୍ଥିତ ଏନ୍‌ଟିପିସିରେ ୭୦୦ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେବା ପାଇଁ ବହୁବାର ଦାବି କରାଯାଇଛି। ଏପରିକି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମଧ୍ୟ ଏହି ଦାବି ଉପସ୍ଥାପନ କରିସାରିଛନ୍ତି। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ସମସ୍ୟାର ସମାଧାନ କରୁ ନ ଥିବା ସହ କଣିହାଁ ଅଞ୍ଚଳରେ ପାଉଁଶ ପାଇପ କାର୍ଯ୍ୟ ଚଳାଇ ଆସୁଛନ୍ତି। ଏହାକୁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲାପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ସୁନିଲ ପ୍ରଧାନଙ୍କ ସମେତ ବହୁ ସରପଞ୍ଚ ସମିତିସଭ୍ୟମାନେ ବୁଧବାର ବିରୋଧ କରିଛନ୍ତି। ଯଥାଶୀଘ୍ର ଅନୁଗୋଳ ଜିଲାପାଳଙ୍କ ଅଧ୍ୟକ୍ଷତାରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଓ ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ସମେତ କଣିହାଁ ଅଞ୍ଚଳର ସମସ୍ତ ଜନପ୍ରତି ନିଧି ଉପସ୍ଥିତିରେ ସମାଧାନ ବୈଠକ କରାଯିବା ନିମନ୍ତେ ଏହି ଜନ ପ୍ରତିନିଧିମାନେ ଏନ୍‌ଟିପିସି କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।



ଏନ୍‌ଟିପିସି କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଶିଶୁ ଦିବସରେ ସମ୍ମାନ ପ୍ରଦାନ

ତାଳଚେର, ୧୬।୧୧ (ନି.ପ୍ର.)

ତାଳଚେର ବ୍ଲକ ଘଣ୍ଟପଡ଼ାସ୍ଥିତ ତୋଫାନ ଯୁବକ ସଂଘ ଆନୁକୂଲ୍ୟରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ସତ୍ୟଭାମା ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ତାଳଚେର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚିନ୍ମୟୀ ଚେତନା ଦାସ, ନେହେରୁ ଯୁବ କେନ୍ଦ୍ର ଅନୁଗୋଳ ଯୁବ ସମନ୍ୱୟ ଅଧିକାରୀ ପ୍ରଦୀପ କୁମାର, ଘଣ୍ଟପଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମିତା ଦାସ ଓ ଘଣ୍ଟପଡ଼ା ଗ୍ରାମ କମିଟି ସମ୍ପାଦକ ପ୍ରମୋଦ ଚନ୍ଦ୍ର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ତାଳଚେର ମାଟିର ଶହୀଦ ରାଣା ପ୍ରତାପଙ୍କ ଉଦ୍ଦେଶ୍ୟରେ ବନ୍ଦେ ଉତ୍କଳଜନନୀ ସଙ୍ଗୀତ ଗାନ କରାଯାଇଥିଲା। ସେହିପରି ଦିବଂଗତ ଗୋବିନ୍ଦଚନ୍ଦ୍ର ଦାସ, ଦୀପ୍ତିମୟୀ ବେହେରା, ତୈଳକ ରଞ୍ଜନ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପରେ ଅତିଥିମାନେ ଛାତ୍ରୀ ହରପ୍ରୀୟା ଦାସ, ଅର୍ଚ୍ଚିତା ବେହେରା, ଖବରଦାତା ମନୀଲ ମହାରଣା, ମନୋଜ କୁମାର ନନ୍ଦ, ଓଏଏସ୍ ପାଇଥିବା ଡକ୍ଟର ତୃପ୍ତିମୟୀ ପ୍ରଧାନ, ସାଗରିକା ଲକ୍ଷ୍ମୀପୂଜା କମିଟି ସଦସ୍ୟ, ବଉଳଛକ ନାମ ସଂକୀର୍ତ୍ତନ ମଣ୍ଡଳୀଙ୍କୁ ସମ୍ମାନିତ କରିଥିଲେ। ଛାତ୍ରୀ ମନସୀ କୁମାରୀ, ଛାତ୍ର ବିଭୂତି ଭୂଷଣ ମିଶ୍ର ଓ ଓଡ଼ିଶୀ ନୃତ୍ୟଶିଳ୍ପୀ ଆରାଧନା ମିଶ୍ରଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ସଂଘ ସଭାପତି ଧୀରେନ୍ଦ୍ର ଦାସ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ପ୍ରଫୁଲ୍ଲ କୁମାର ଦାସ ବାର୍ଷିକ ବିବରଣୀ ଓ କୃଷ୍ଣ ସାହୁ ମଞ୍ଚ ପରିଚାଳନା କରିଥିଲେ। ସଂଘର ସମସ୍ତ ସଭ୍ୟ ସହଯୋଗ କରିଥିଲେ।




ଅତିଥିମାନେ ଜଣେ ପ୍ରତିଯୋଗୀଙ୍କୁ ସମ୍ମାନିତ କରୁଛନ୍ତି।

# ଆନ୍ଦୋଳନ ପାଇଁ ଶିକ୍ଷକଙ୍କ ବୈଠକ

ବଇଣ୍ଡା, ୧୬।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ନାକିଚି ହାଇସ୍କୁଲ ପରିସରରେ ବୁଧବାର ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୦୦୧ ପରଠାରୁ ନୂତନ ପେନ୍‌ସନ୍ ଯୋଜନାଭୁକ୍ତ ଶିକ୍ଷକଙ୍କ ବିଭିନ୍ନ ସମସ୍ୟାର ସମାଧାନ ହେଉ ନ ଥିବାବେଳେ ଏହାକୁ ନେଇ ଆନ୍ଦୋଳନ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସଚ୍ଚିଦାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦିଲୀପ ପ୍ରଧାନ, ପ୍ରଫୁଲ୍ଲ ସିଂ, ପ୍ରମୋଦ ପ୍ରଧାନ, ସୁରେନ ବେହେରା, ବେଳାଳସେନ ସାହୁ, ଗୁଣନିଧି ସାହୁ, ଉଦିତ ସାହୁ, ଚିତ୍ତରଞ୍ଜନ ରାଉଳ, ଅରୁଣ ବାଘ, ବସନ୍ତ ନାୟକଙ୍କ ସମେତ ବହୁ ଶିକ୍ଷକ ଯୋଗଦେଇଥିଲେ। ଆଗାମୀ ୧୯ ତାରିଖରେ କିଶୋରନଗର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ। ସେହିପରି ୨୭ରେ ଭୁବନେଶ୍ୱରଠାରେ ଆନ୍ଦୋଳନରେ ସାମିଲ ହେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା।



ବୈଠକରେ ଉପସ୍ଥିତ ଶିକ୍ଷକମାନେ।

# ଗଣମାଧ୍ୟମ ସମାଜର ଜାଗ୍ରତ ପ୍ରହରୀ

ଅନୁଗୋଳ ଅଫିସ, ୧୬।୧୧

ଅନୁଗୋଳ ଜିଲା କାର୍ଯ୍ୟାଳୟ କନଫରେନ୍ସ ହଲଠାରେ ବୁଧବାର ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଗଣମାଧ୍ୟମ ସମାଜର ଏକ ଜାଗ୍ରତ ପ୍ରହରୀ। ସୁସ୍ଥ ସମାଜ ଗଠନ କରିବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିରିକ୍ତ ଜିଲାପାଳ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ସର ଚଳିତ ବର୍ଷର ବାର୍ତ୍ତା ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଗଣମାଧ୍ୟମ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଏକ ସଂଯୋଗ ସେତୁ ସଦୃଶ କାର୍ଯ୍ୟ କରେ। ମହାମାରୀ କରୋନା ସମୟରେ ଗଣମାଧ୍ୟମ ସକାରାତ୍ମକ ଭୂମିକା ନିର୍ବାହ କରିଥିବା ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଓ ଉପଖଣ୍ଡ ସ୍ତରରୁ ଆସିଥିବା ଖବରଦାତାଙ୍କ ସମେତ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗ ଦେଇଥିଲେ। ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦୁଃଶାସନ ନାଏକ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀମାନେ।

# ପାନୀୟ ଜଳ ଯୋଗାଣ ଦାବିରେ ବିକ୍ଷୋଭ

ବଇଣ୍ଡା, ୧୬।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା କଦଳୀମୁଣ୍ଡାର ବଢେଇସାହି, ମା' ମଙ୍ଗଳା ସାହି, ନୂଆପାଟଣାସାହି ଅଞ୍ଚଳକୁ ଏକ ସପ୍ତାହ ହେବ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ଫଳରେ ଉକ୍ତ ସାହିବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏହାର ପ୍ରତିବାଦରେ ବୁଧବାର କଦଳୀମୁଣ୍ଡାଠାରେ ଠିକାସଂସ୍ଥା ପକ୍ଷରୁ କରାଯାଉଥିବା ପୋଲ କାର୍ଯ୍ୟ ନିକଟରେ ମହିଳାମାନେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଘଟଣାରୁ ଜଣାପଡିଛି, କଦଳୀମୁଣ୍ଡା ଅଞ୍ଚଳରେ ହୋଇଥିବା ଜଳ ଯୋଗାଣ ପ୍ରକଳ୍ପରୁ ଉକ୍ତ ୩ଟି ସାହିକୁ ପାନୀୟ ଜଳଯୋଗାଣ ହେଉଛି। ହେଲେ ୫୫ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ଯୋଗୁ ଏକ ସପ୍ତାହ ହେବ କଦଳୀମୁଣ୍ଡାଠାରେ ଠିକାସଂସ୍ଥାର ଜେସିବି ମେଶିନ୍ ଦ୍ୱାରା ପାଇପ୍ ଗୁଡିକ ଫଟାଇ ଦିଆଯାଇଛି। ଫଳରେ ଉକ୍ତ ସାହି ଗୁଡିକକୁ ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏଥିଯୋଗୁ ସାହିର ୪ ଶହ ପରିବାର ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ପାଇପ୍ ଫଟାଇ ଠିକାସଂସ୍ଥା କରୁଥିବା ପୋଲରେ ଉକ୍ତ ପାଣି ବ୍ୟବହାର କରୁଥିବା ସାହିବାସୀ ଅଭିଯୋଗ କରିଛନ୍ତି। ଉକ୍ତ ପାଇପ୍ ମରାମତି କରିବା ପାଇଁ ନୂଆଁପାଟଣା ସାହିବାସୀ ବହୁବାର ଠିକାସଂସ୍ଥାକୁ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଫଳରେ ବୁଧବାର କଦଳୀମୁଣ୍ଡାଠାରେ ଠିକାସଂସ୍ଥା ପକ୍ଷରୁ କରାଯାଉଥିବା ପୋଲ କାର୍ଯ୍ୟ ନିକଟରେ ମହିଳାମାନେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଠିକାସଂସ୍ଥାର କର୍ମଚାରୀ ପାଇପ୍ ଶୀଘ୍ର ମରାମତି କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



### ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

